# NATIONAL NEWS BULLETIN (ODIA)

## 30 October - 2024

### Morning Bulletin : 7.15 a.m.

*************************************

## ମୁଖ୍ୟ ସମ୍ବାଦ

- ଉଚ୍ଚସ୍ତରର ଅଭିବୃଦ୍ଧି ହାସଲ ପାଇଁ ଘରୋଇ ପୁଞ୍ଜିନିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀଙ୍କ ଆଜି ଠାରୁ ଦୁଇଦିନିଆ ଗୁଜରାଟ ଗସ୍ତ ।

- ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ବିଧାନସଭା ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେବ ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ ।

- ଦୀପାବଳି ଅବସରରେ ଭଗବାନ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ ଆଜି ଅନୁଷ୍ଠିତ ହେବ ସର୍ବବୃହତ ଭବ୍ୟ ଦୀପୋତ୍ସବ ।

ଏବଂ

- ଭାରତ ନ୍ୟୁଜିଲାଣ୍ଡ ତିନିଟିକିଆ ଆନ୍ତର୍ଜାତିକ ଦିନିକିଆ ମହିଳା କ୍ରିକେଟ୍ ସିରିଜ୍‌କୁ ୨-୧ରେ ଅକ୍ତିଆର କଲା ଭାରତ ।

# ପ୍ରେସିଡେଣ୍ଟ-ଆଇଟିଏସ୍/ଆଇସିଏଏସ୍ ମିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ନୂଆଦିଲ୍ଲୀ ଠାରେ ଭାରତୀୟ ବାଣିଜ୍ୟ ସେବା ଏବଂ ଭାରତୀୟ କଷ୍ଟ ଆକାଉଣ୍ଟସ୍ ସେବାର ପ୍ରଶିକ୍ଷାର୍ଥୀଙ୍କୁ ଭେଟିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଗତ ଆର୍ଥିକ ବର୍ଷରେ ୮ ଦଶମିକ୍ ୨ ପ୍ରତିଶତ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହ ଦେଶରେ ଭୂ-ରାଜନୀତିକ ଆହ୍ୱାନ ମୁକାବିଲାରେ ସ୍ଥିରତା ପ୍ରଦର୍ଶିତ ହୋଇଛି । ଉଚ୍ଚସ୍ତରର ଅଭିବୃଦ୍ଧି ହାସଲ କରିବା ପାଇଁ ଘରୋଇ ପୁଞ୍ଜିନିବେଶର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଅଶାନ୍ତ ବୈଶ୍ୱିକ ପରିବେଶ ମଧ୍ୟରେ ମୁଣ୍ଡପିଛା ଆୟର ସ୍ତର ବୃଦ୍ଧି କରିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସୀମାରେ ବାଣିଜ୍ୟ ବୃଦ୍ଧି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ଭାରତୀୟ ବାଣିଜ୍ୟ ସେବା ଅଧିକାରୀଙ୍କୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଜନସାଧାରଣଙ୍କ ଜୀବନଜୀବିକାକୁ ସହଜ କରିବାରେ ଭାରତୀୟ ବାଣିଜ୍ୟ ସେବା ଅଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଭାରତୀୟ କଷ୍ଟ ଆକାଉଣ୍ଟସ୍ ସେବା ଅଧିକାରୀମାନେ ସରକାରୀ କାର୍ଯ୍ୟ ଯୋଜନା ଏବଂ ପ୍ରକଳ୍ପ ଗୁଡ଼ିକର ବ୍ୟୟକୁ ଯୁକ୍ତିଯୁକ୍ତ କରିବା ସହିତ ରାଜସ୍ୱ ସ୍ୱଚ୍ଛ ପରିଚାଳନାକୁ ସୁନିଶ୍ଚିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁଇଦିନିଆ ଗୁଜରାଟ ଗସ୍ତରେ ଯିବେ । ଏକତା ନଗର ଠାରେ ୨୮୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଭିତ୍ତିଭୂମି ଏବଂ ବିକାଶ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ପର୍ଯ୍ୟଟନ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବ । ଆରମ୍ଭ ୬ ଦଶମିକ୍ ଶୂନ୍‌ର ୯୯ତମ କମନ୍ ଫାଉଣ୍ଡେସନ୍ ପାଠ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ମୋଦୀ ସମ୍ବୋଧନ କରିବେ । ଚଳିତ ବର୍ଷର ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ଆତ୍ମ ନିର୍ଭର ଓ ବିକଶିତ ଭାରତ ପାଇଁ କାର୍ଯ୍ୟ ଖସଡ଼ା' । ଏହି ପାଠ୍ୟକ୍ରମରେ ଭାରତ ୧୬ଟି ପ୍ରଶାସନିକ ସେବା ଏବଂ ଭୁଟାନର ତିନୋଟି ପ୍ରଶାସନିକ ସେବାର ୬୫୩ ଜଣ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି ।

# ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ବିଧାନସଭା ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ଆସନ୍ତା ମାସ ୨୦ ତାରିଖରେ ମତଗ୍ରହଣ କରାଯିବ ।

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ବିଧାନସଭା ଆସନ ପାଇଁ ମତ ନିଆଯିବ । ନଭେମ୍ବର ପହିଲା ସୁଦ୍ଧା ପ୍ରାର୍ଥୀପ୍ରତ୍ୟାହାର ପାଇଁ ସମୟଧାର୍ଯ୍ୟ କରାଯାଇଛି । ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୭୪୩ଟି

ନାମାଙ୍କନପତ୍ର ବୈଧ ଘୋଷଣା କରାଯାଇଛି । ଏହି ପର୍ଯ୍ୟାୟ ପାଇଁ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି । ପ୍ରଥମ ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ଆସନ୍ତା ମାସ ୧୩ ତାରିଖରେ ମତଗ୍ରହଣ କରାଯିବ ।

ମହାରାଷ୍ଟ୍ରରେ ଗତକାଲି ଶେଷ ହୋଇଥିବା ନାମାଙ୍କନପତ୍ର ଦାଖଲରେ ପାଖାପାଖି ୮ ହଜାର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି । ୨୮୮ଟି ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାୟ ମତଗ୍ରହଣ କରାଯିବ । ମହାରାଷ୍ଟ୍ରର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ନାମାଙ୍କନପତ୍ର ଗୁଡ଼ିକରେ ଆଜି ଯାଞ୍ଚ କରାଯିବା ସହ ଆସନ୍ତାମାସ ୪ ତାରିଖ ସୁଦ୍ଧା ପ୍ରତ୍ୟାହାରର ସମୟସୀମା ଧାର୍ଯ୍ୟ ହୋଇଛି ।

## ଧାନ ସଂଗ୍ରହ

ଚଳିତ ବର୍ଷ ଅକ୍ଟୋବର ପହିଲାରୁ ଖରିଫ୍ ବିପଣନ ଋତୁ ୨୦୨୪-୨୫ରେ ଧାନକିଣା ଆରମ୍ଭ ହୋଇଛି । ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମଣ୍ଡିରେ ୬୫ ଲକ୍ଷ ଟନ୍‌ରୁ ଅଧିକ ଧାନ ପହଞ୍ଚି ସାରିଛି । ସେଥିମଧ୍ୟରୁ ୬୦ଲକ୍ଷ ଟନ୍‌ରୁ ଅଧିକ ଧାନ ରାଜ୍ୟ ସ୍ତରୀୟ ସଂସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ ପଞ୍ଜାବରୁ କିଣିଛନ୍ତି । ପଞ୍ଜାବର କୃଷକମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଗତ ୨୮ ତାରିଖ ସୁଦ୍ଧା ସିଧାସଳଖ ୧୨ ହଜାର ୨୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଧାନ ସଂଗ୍ରହ ପାଇଁ ପଞ୍ଜାବରେ ୧ ହଜାର ଅସ୍ଥାୟୀ ୟାର୍ଡ୍ ସମେତ ମୋଟ୍

୨ହଜାର ୯୨୭ଟି ମଣ୍ଡି ଖୋଲାଯାଇଛି । ଆଗାମୀ ଖରିଫ୍ ବିପଣନ ଋତୁରେ ସରକାର ୧୮୫ ଲକ୍ଷ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି । ଚଳିତ ଖରିଫ୍ ବିପଣନ ଋତୁରେ ଗ୍ରେଡ୍-ଏ ଧାନ ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୩୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି । ଏ ପର୍ଯ୍ୟନ୍ତ ୧୪ ହଜାର ୬୬ କୋଟି ଟଙ୍କାର ଧାନ କ୍ରୟ ହୋଇସାରିଛନ୍ତି । ଏହାଦ୍ୱାରା ୩ ଲକ୍ଷ ୫୧ ହଜାରରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ ରିପୋର୍ଟରେ ଦର୍ଶାଯାଇଛି ।

## ଅଯୋଧ୍ୟା ଦୀପୋତ୍ସବ

ଦୀପାବଳୀ ଅବସରରେ ଭଗବାନ ରାମଙ୍କ ନଗରୀ ଅଯୋଧ୍ୟାରେ ଆଜି ସର୍ବବୃହତ ଭବ୍ୟ ଦୀପୋତ୍ସବ ଦେଖିବାକୁ ମିଳିବ । ଉତ୍ତର ପ୍ରଦେଶ ସରକାର ଏହି ଉତ୍ସବକୁ ଗିନିସ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ଲକ୍ଷ୍ୟରେ ଅଯୋଧ୍ୟା ନଗରୀରର ୫୫ଟି ଘାଟରେ ୨୫ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନର ବ୍ୟବସ୍ଥା କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଉତ୍ତର ପ୍ରଦେଶ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏହି ଉତ୍ସବରେ ଯୋଗଦେବେ ।

ଆମ ସମ୍ବାଦଦାତାଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ ଏହି ଉତ୍ସବ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।  ଗିନିସ୍ ୱାର୍ଲ୍ଡ ରେକର୍ଡ ଟିମ୍‌ର ପରାମର୍ଶଦାତା ଏବଂ ଅବଧ ବିଶ୍ୱବିଦ୍ୟାଳୟର ଗଣନା କମିଟି ସଦସ୍ୟଙ୍କ ନେତୃତ୍ୱରେ ୩୦ ଜଣିଆ ଦଳ ୫୫ଟି ଘାଟରେ ସଜାଯାଇଥିବା ଦୀପ ଗୁଡ଼ିକର ଗଣନା କରିସାରିଛନ୍ତି । ରାମପଥରେ ଆଜି ହେବାକୁ ଥିବା ଶୋଭାଯାତ୍ରାର ପ୍ରସ୍ତୁତି ମଧ ଶେଷ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦେଶବିଦେଶରୁ

କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଦୀପୋତ୍ସବ ପାଳନ ଅବସରରେ ୧୧ଶହରୁ ଅଧିକ ପୂଜକ ସରଯୂ ଆରତୀରେ ଯୋଗଦେବେ ।

## ହସ୍ପିଟାଲ୍ ଆରେଞ୍ଜମେଣ୍ଟସ୍ ଡିଓ୍ୱାଲୀ

ଦୀପାବଳି ପାଳନ ଅବସରରେ ଆହତ ରୋଗୀଙ୍କ ଚିକିତ୍ସା ପାଇଁ ରାଜଧାନୀ ଦିଲ୍ଲୀର ପ୍ରମୁଖ ହସ୍ପିଟାଲ ଗୁଡ଼ିକରେ ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାମମନୋହର ଲୋହିଆ ହସ୍ପିଟାଲ୍‌ରେ ଜରୁରୀକାଳୀନ ଓ୍ୱାର୍ଡ୍ ପ୍ରସ୍ତୁତ ରହିଛି । ଏମସ୍ ଏବଂ ସବ୍‌ଦରଜଙ୍ଗ୍ ହସ୍ପିଟାଲ୍‌ରେ ମଧ୍ୟ ଚିକିତ୍ସା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ହସ୍ପିଟାଲ୍ ଗୁଡ଼ିକରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ମୁତୟନ ହୋଇଛନ୍ତି । ଆକାଶବାଣୀ ନ୍ୟୁଜ୍‌କୁ ସାକ୍ଷାତକାର ଦେଇ ଆର୍.ଏମ୍.ଏଲ୍. ହସ୍ପିଟାଲ୍‌ର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ମୁଖ୍ୟ ଡାକ୍ତର ସମୀର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଅଗ୍ନିକାଣ୍ଡ ରୋଗୀଙ୍କ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ପ୍ରାୟ ୧୫ଟି ଶଯ୍ୟା ଖାଲି ରଖାଯାଇଛି । ବାଣ ବ୍ୟବହାର ସମୟରେ ସତର୍କ ରହିବାକୁ ଦିଲ୍ଲୀ ଏମସ୍ ବର୍ଣ୍ଣ ବିଭାଗର ମୁଖ୍ୟ ଡାକ୍ତର ମନିଶ ସିଂଘଲ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଶରୀରର ପୋଡ଼ିଥିବା ସ୍ଥାନକୁ ପାଣିରେ ଧୋଇଦେଇ, ଓଦା କପଡ଼ା ଗୁଡ଼ାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ କହିଛନ୍ତି ।

# ଗାଜା-ଇସ୍ରାଏଲ୍

ଉତ୍ତର ଗାଜାର ବେଇଟ୍ ଲାହିଆ ସହର ଉପରେ ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ପାଖାପାଖି ୧୦୦ ଜଣଙ୍କର ମୃତ୍ୟୁ ହୋଇଥିବା ଗାଜାର ବେସାମରିକ ପ୍ରତିରକ୍ଷା ସଂସ୍ଥା ସୂଚନା ଦେଇଛି । ଇସ୍ରାଏଲ୍‌ର ଗୋଟିଏ ବିମାନ ପାଖାପାଖି ୨୦୦ ଲୋକ ବସବାସ କରୁଥିବା ଏକ ୫ ମହଲା କୋଠାରେ ଆକ୍ରମଣ କରିଥିଲା । ଏଥିରେ ୯୩ ଜଣଙ୍କର ମୃତ୍ୟୁ ହେବା ସହ ୪୦ ଜଣ ନିଖୋଜ ହୋଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି । ପାଲେଷ୍ଟାଇନ୍ ଉଦ୍ଧାରକାରୀ ଦଳ ସେହି ଅଞ୍ଚଳରେ କୋଠାର ଭଗ୍ନାବଶେଷକୁ ଅନୁସନ୍ଧାନ କରୁଛନ୍ତି । ହମାସ ଯୋଦ୍ଧାଙ୍କୁ ଲକ୍ଷ୍ୟ କରି ଇସ୍ରାଏଲ୍ ପକ୍ଷରୁ ଏହି ଅଭିଯାନ ଜାରି ରହିଛି ।

ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନ୍‌ର ଗାଜାକୁ ଜାତିସଂଘ ଯୋଗାଇ ଆସୁଥିବା ରିଲିଫ୍ ଏବଂ ଅନ୍ୟାନ୍ୟ ମାନବିକ ସହାୟତା ଉପରେ ଇସ୍ରାଏଲ୍ ସଂସଦ ପ୍ରତିବନ୍ଧକ ଲଗାଇଛି । ସଂସଦରେ ଏ ସଂକ୍ରାନ୍ତ ନିଷ୍ପତ୍ତିର କିଛି ସମୟ ପରେ ଇସ୍ରାଏଲ୍ ସେନା ପକ୍ଷରୁ ଆକ୍ରମଣ କରାଯାଇଥିଲା । ଅନ୍ୟ ପକ୍ଷରେ ଲେବାନନ୍‌ରେ ଇରାନ୍ ସମର୍ଥିତ ଆତଙ୍କବାଦୀ ସଂଗଠନ ହିଜ୍‌ବୁଲ୍ଲାର ମୁଖ୍ୟ ଭାବେ ନାଇମ୍ କାସେମ୍‌ଙ୍କୁ ମନୋନୀତ କରାଯାଇଛି । ହାସନ୍ ନସରୁଲ୍ଲା ଏବଂ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀଙ୍କର ମୃତ୍ୟୁ ପରେ କାସେମ୍ ଏହି ଦାୟିତ୍ୱ ନିର୍ବାହ କରିବେ । ତେବେ ବେଇଟ୍ ଲାହିଆରେ ଆକାଶମାର୍ଗରୁ ଆକ୍ରମଣରେ ସାଧାରଣ ନାଗରୀକଙ୍କର ମୃତ୍ୟୁ ନେଇ ଅନୁସନ୍ଧାନ କରାଯାଉଛି ବୋଲି ଇସ୍ରାଏଲ୍ ସେନା କହିଛି ।

# ହମାସ୍ ସିଜ୍‌ଫାୟାର୍

ଗାଜା ଉପତ୍ୟକାରେ ସ୍ଥାୟୀ ଅସ୍ତ୍ରବିରତି ପାଇଁ ହମାସ ଇଚ୍ଛା ପ୍ରକାଶ କରିଛି । ହମାସର ଜଣେ ବରିଷ୍ଠ ଅଧିକାରୀ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସ୍ଥାୟୀ ଅସ୍ତ୍ରବିରତି ନେଇ କୌଣସି ଚୁକ୍ତି କିମ୍ବା ଆଲୋଚନା ପାଇଁ ହମାସ ପ୍ରସ୍ତୁତ ଅଛି । ତେବେ ଗାଜା ଉପତ୍ୟକାରେ ଇସ୍ରାଏଲ୍ ସେନା ପ୍ରତ୍ୟାହାର, ଅବରୋଧ ହଟାଇବା ଏବଂ ରିଲିଫ୍ ସାମଗ୍ରୀ ପ୍ରଦାନ ଓ କଏଦୀ ଅଦଳବଦଳ ଚୁକ୍ତି ଏହା ମଧ୍ୟରେ ଅନ୍ତର୍ଭୁକ୍ତ ରହିବା ନେଇ ସେ ପ୍ରସ୍ତାବ ଦେଇଛନ୍ତି ।

ଅନ୍ୟ ପକ୍ଷରେ ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ୍ ଫତାହା ଅଲ୍‌ସିସି ପାଲେଷ୍ଟାଇନ୍ କଏଦୀଙ୍କ ବଦଳରେ ୪ ଜଣ ଇସ୍ରାଏଲ୍ ପଣବନ୍ଦୀଙ୍କୁ ମୁକ୍ତ କରିବା ସହ ଗାଜାରେ ଦୁଇଦିନିଆ ଅସ୍ତ୍ରବିରତି ପ୍ରସ୍ତାବ ଦେଇଛନ୍ତି । ସୂଚନା ଯୋଗ୍ୟ ଗତ କିଛି ମାସ ଧରି ଦୋହା ଏବଂ କାଇରୋରେ ଅସ୍ତ୍ରବିରତି ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ ଏ ନେଇ କୌଣସି ଚୁକ୍ତି  ଏ ପର୍ଯ୍ୟନ୍ତ ହୋଇନାହିଁ । ପାଲେଷ୍ଟାଇନ୍ ସରଣାର୍ଥୀଙ୍କ ପାଇଁ ଜାତିସଂଘ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ମାନବୀୟ ସହାୟତା ଉପରେ ଇସ୍ରାଏଲ୍ ସଂସଦର ପ୍ରତିବନ୍ଧକ ବ୍ୟଥିତ କରିଛି ବୋଲି ଆମେରିକା କହିଛି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମ୍ୟାଥ୍ୟୁ ମିଲର କହିଛନ୍ତି, ଗାଜା ବ୍ୟତୀତ ପଶ୍ଚିମତଟ ଏବଂ ପଶ୍ଚିମ ଏସିଆ ଅଞ୍ଚଳରେ ପାଲେଷ୍ଟାଇନ୍ ସରଣାର୍ଥୀଙ୍କୁ ରିଲିଫ୍ ତଥା ମାନବୀୟ ସହାୟତା ନେଇ ମିଳିତ ଜାତିସଂଘର ରିଲିଫ୍ ଆଣ୍ଡ ଓ୍ୱର୍କସ୍ ଏଜେନ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# କ୍ରିକେଟ୍

ଭାରତ ନ୍ୟୁଜିଲାଣ୍ଡ ତିନିଟିକିଆ ଆନ୍ତର୍ଜାତିକ ଦିନିକିଆ ମହିଳା କ୍ରିକେଟ୍ ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆରେ ଭାରତ ନ୍ୟୁଜିଲାଣ୍ଡକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୨୩୩ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪୫ତମ ଓଭରରେ ହାସଲ କରିନେଇଥିଲା । ସ୍ମୃତି ମାନ୍ଧାନାଙ୍କ ଶତକୀୟ ପାଳୀ ଭାରତ ପାଇଁ ବିଜୟପଥ ଉନ୍ମୁକ୍ତ କରିଥିଲା । ଟସ୍ ଜିତି ନ୍ୟୁଜିଲାଣ୍ଡ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୩୨ରନ୍ ସଂଗ୍ରହ କରିଥିଲା ।